# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 August – 2025**

# ଅନଲାଇନ ଗେମିଂ

ଅନଲାଇନ ଗେମିଂ ପ୍ରସାର ଓ ନିୟନ୍ତ୍ରଣ ବିଧେୟକ-୨୦୨୫ ଗତକାଲି ରାଷ୍ଟ୍ରପତିଙ୍କର ମଞ୍ଜୁରୀ ମିଳିଛି । ମଞ୍ଜୁରୀ ମିଳିବା ପରେ ଆଇନରେ ଥିବା ବ୍ୟବସ୍ଥାଗୁଡିକୁ ଲାଗୁ କରାଯାଇଛି । ଇ-କ୍ରୀଡ଼ା ଏବଂ ଅନଲାଇନ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । ଆଇନ ଉଲ୍ଲଂଘନକାରୀଙ୍କୁ ଏହି ଆଇନ ବଦଳରେ ୩ବର୍ଷ ପର୍ଯ୍ୟନ୍ତ ଜେଲ କିମ୍ବା ୧କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।

# ନୂଆ ଆୟକର ଆଇନ

ଦେଶରେ ନୂଆ ଆୟକର ଆଇନ ଆସନ୍ତାବର୍ଷ ୨୦୨୬ ଏପ୍ରିଲ ପହିଲାରୁ ଲାଗୁ ହେବ । ମୌସୁମୀ ଅଧିବେଶନରେ ସଂସଦରେ ଗୃହୀତ ହୋଇଥିବା ସଂଶୋଧିତ ଆୟକର ବିଧେୟକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ଲାଭ କରିବା ପରେ ଗତକାଲି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଛି । ସଂଶୋଧିତ ନୂଆ ଆୟକର ଆଇନ ପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାକୁ କାର୍ଯ୍ୟ କରିବ । ନୂଆ ଆୟକର ଆଇନରେ ୧୯୬୧ ମସିହାର ଆୟକର ଆଇନର ଧାରା ସଂଖ୍ୟା ୮୧୯ରୁ ହ୍ରାସ କରାଯାଇ ୫୩୬ କରାଯାଇଛି ।

# ଜିଲ୍ଲା ଜଜ୍ ସମ୍ମିଳନୀ

ଆଇନ ବ୍ୟବସ୍ଥାରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା  ଅଦାଲତର କର୍ତ୍ତବ୍ୟ ବୋଲି ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ୍ କହିଛନ୍ତି । ଓଡିଶା ଜୁଡିସିଆଲ ଏକାଡେମୀଠାରେ ଆୟୋଜିତ ଜିଲ୍ଲା ଜଜ୍ ସମ୍ମିଳନୀ-୨୦୨୫ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଜଷ୍ଟିସ ଟଣ୍ଡନ କହିଛନ୍ତି, ନିମ୍ନ ଅଦାଲତଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବା ମୂଳଲକ୍ଷ୍ୟ।

# କମଳାକାନ୍ତ ବିଦ୍ୟାପୀଠ

ରାଜ୍ୟ ସରକାର କଟକ ସ୍ଥିତ କମଳକାନ୍ତ ବିଦ୍ୟାପୀଠକୁ ପିଏମ୍-ଶ୍ରୀ ଯୋଜନାରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି ।  ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହରେ ଗତକାଲି  ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଶିକ୍ଷାର କୌଣସି ବିକଳ୍ପ ନାହିଁ ।  ଏହି ଅବସରରେ ବିଦ୍ୟାଳୟର ହୀରକ ଜୟନ୍ତୀ ସ୍ମରଣିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ ।

# ବେଆଇନ ଚାନ୍ଦା ଆଦାୟ

ପାର୍ବଣ ଋତୁ ସମୟରେ ବେଆଇନ ଚାନ୍ଦା ଆଦାୟକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଚାନ୍ଦା ଆଦାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ନୀତି ଅନୁଷ୍ଠିତ ହେବ । ଏହି ବିଶେଷ ନୀତିପାଇଁ କୁମ୍ଭାରପଡ଼ା ନିକଟରେ ଥିବା ମା’ ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରିଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି । ଏହି ତାଡ଼କୁ ଶ୍ରୀମନ୍ଦିର ରୋଷଘର ନିକଟ ବେହରଣ ଦ୍ୱାର ପାଖରେ ଅଚିନ୍ତା ମଣ୍ଡପଠାରେ ରଖାଯାଇଛି । ଲୋକକଥା ଅନୁସାରେ ଆଜି ମା’ ଦକ୍ଷିଣକାଳୀ ମହାପ୍ରଭୁଙ୍କ ପାଇଁ ସାତ ପ୍ରକାର ପୁରରେ ପିଠା ପ୍ରସ୍ତୁତ କରିବେ । ଏହି ପିଠା ସ୍ୱତନ୍ତ୍ର ଭାବେ ଆସିଥିବା ମାଟିର ତାଡ଼ରେ ସକାଳ ଧୂପ ଭୋଗରେ ଲାଗି କରାଯିବାର ପରମ୍ପରା ରହିଛି ।

# ହୀରାକୁଦ

ଉପରମୁଣ୍ଡରୁ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ କରୁଥିବାରୁ ହୀରାକୁଦ ଜଳଭଣ୍ଡାରର ଗେଟ୍ ଆଜି ଖୋଲାଯିବ । ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଗୋଟିଏ ଗେଟ୍‌ରୁ ୧୬ହଜାର କ୍ୟୁସେକ ଜଳ ନିଷ୍କାସିତ ହୋଇଥାଏ । ବର୍ଷା ଏବଂ ବନ୍ୟାଜଳର ସ୍ଥିତିକୁ ଅନୁଧ୍ୟାନ କରି ପ୍ରାୟ ୧୦ରୁ ଅଧିକା ଗେଟ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଧାଡ଼ି ଦର୍ଶନ

ପୁରୀ ଶ୍ରୀମନ୍ଦିରରେ ଆସନ୍ତା ସେପ୍ଟେମ୍ବର ମାସ ୧୫ ତାରିଖରୁ ଧାଡି ଦର୍ଶନ ବ୍ୟବସ୍ଥା ଆରମ୍ଭ ହେବ ବୋଲି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଧାଡ଼ି ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି । ଭିଡ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁଗମ ଦର୍ଶନରେ ଧାଡ଼ି ବ୍ୟବସ୍ଥା ସହାୟକ ହେବ । ଆସନ୍ତା ୩ ରୁ ୪ ଦିନ ମଧ୍ୟରେ ପରିଚାଳନା କମିଟି ଗଠନ କରାଯିବା ସହ ହୁଣ୍ଡି ସ୍ଥାନାନ୍ତରଣ ପରେ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ।

ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ୍ ପ୍ରଶାସନ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ପ୍ରାଥମିକ ସ୍ତରରେ ଆନନ୍ଦବଜାରରେ ସ୍ୱତନ୍ତ୍ର ନିୟନ୍ତ୍ରଣ କକ୍ଷ ଖୋଲାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜନ ସଚେତନତା ସୃଷ୍ଟି କରିବାପାଇଁ ସାଇନ୍ ବୋର୍ଡ଼ ଲଗାଯିବାକୁ ନିଷ୍ପତ୍ତି ନିଆଯାଇଛି ।

# ମହାକାଶ ଦିବସ

ଦେଶରେ ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି । ଚନ୍ଦ୍ରଯାନ-୩ର ସଫଳତା ପରେ ଅଗଷ୍ଟ ୨୩ ତାରିଖକୁ ଜାତୀୟ ମହାକାଶ ଦିବସ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ ।

# ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟାକା ଓ ତାହାରପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ  ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଝାଡଖଣ୍ଡ ମଧ୍ୟ ଦେଇ ଗତି କରିବାର ସମ୍ଭାବନା ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ରାଜ୍ୟରେ ସକ୍ରିୟ ଥିବାରୁ ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି । ଆସନ୍ତା ସୋମବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିବାର  ସମ୍ଭାବନା ରହିଛି । ଜଗତସିଂହପୁର, ପୁରୀ, ଝାରସୁଗୁଡା, ବରଗଡ, ସମ୍ବଲପୁର, କଟକ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲ୍ଲାରେ ଆଜି ଘଡଘଡି ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି ।